ସମସ୍ତଙ୍କୁ ମୁଁ ଗୋଟିଏ କଥା କହିବାକୁ ଚାହେଁ ଯେ ସମସ୍ତେ ଗୋଟିଏ ଉଦ୍ଦେଶ୍ୟ ନେଇଁ ସହମତିରେ ମିଳିମିଶି କାର୍ଯ୍ୟ କରନ୍ତୁ। ଅନ୍ୟମାନଙ୍କର ଭୁଲ ତ୍ରୁଟି ଖୋଜି ବାହାର କରନ୍ତୁ ନାହିଁ, କାରଣ ତୁମର ସମ୍ପୂର୍ଣ୍ଣ ଜୀବନ ଦୁର୍ଭାବନାରେ ଭରିଯିବ। ପ୍ରତ୍ୟେକ ବ୍ୟକ୍ତିର କିଛି ନା କିଛି ଦୋଷ ଦୁର୍ବଳତା ରହିଛି ଏବଂ ସେ ଅନ୍ୟମାନଙ୍କଠାରୁ ସ୍ନେହ ଓ ସାନ୍ତ୍ୱନା ଚାହେଁ। ଅନ୍ୟମାନଙ୍କ ପ୍ରତି ନମ୍ର ଓ ପ୍ରେମପୂର୍ଣ୍ଣ ହୁଅ। ଈଶ୍ୱର ଚେତନାରେ ନିଜ ମନକୁ ମଜ୍ଜାଇ ରଖ ଯାହାଫଳରେ ଛୋଟ ଛୋଟ କଥା ଚିନ୍ତା କରିବାକୁ ସମୟ ପାଇବ ନାହିଁ। ତୁମ ପାଇଁ ମୋର ସ୍ନେହ ଓ ଆଶୀର୍ବାଦ ସବୁବେଳେ ରହିଛି।

(୧୯୫୧ ମସିହା ଅକ୍ଟୋବର ୬ ତାରିଖ ଦିନ ପରମହଂସ ଯୋଗାନନ୍ଦଜୀ, ବ୍ରହ୍ମଚାରୀ ରବିନାରାୟଣ (ପରମହଂସ ହରିହରାନନ୍ଦ)ଙ୍କୁ ଲେଖିଥିବା ଚିଠିରୁ ଉଦ୍ଧୃତ)



### ଯୋଗାନନ୍ଦଙ୍କ – ଅମୀୟ ବାଣୀ

**"ଗୁରୁଦେବ! ଭଗବାନଙ୍କର ଦର୍ଶନ ପାଇଁ କଅଣ କର୍ତ୍ତବ୍ୟ?"**

"ଯେତେବେଳେ ଅବସର ପାଇବ ଈଶ୍ୱର ଚିନ୍ତାରେ ମଗ୍ନ ହୁଅ। ତାଙ୍କ ସଙ୍ଗରେ ଖୁବ୍ ଘନିଷ୍ଠ ଭାବେ ଆଳାପ କର। ସେ ଆମର ସବୁଠାରୁ ପ୍ରିୟ ଓ ଅନ୍ତରଙ୍ଗ। କୃପଣ ଯେପରି ଧନ ଲୋଭରେ ପାଗଳ ହୁଏ, ତାଙ୍କୁ ପାଇବା ପାଇଁ ସେହିପରି ଲୋଲୁପତା ଜାଗ୍ରତ କର। ପ୍ରେମିକାକୁ ପ୍ରେମ କରିବାଠାରୁ ବଳି ନିବିଡ଼ ପ୍ରେମରେ ତାଙ୍କୁ ବାନ୍ଧ ଏବଂ ବୁଡ଼ିଯିବା ଲୋକ ନିଃଶ୍ୱାସ ପାଇଁ ଯେପରି ବ୍ୟାକୁଳ ହୁଏ, ସେହିପରି ପ୍ରାଣାନ୍ତକ ଚେଷ୍ଟା କର। ତମର ତୀବ୍ର ଭଗବତ୍ କାମନା ତାଙ୍କର ଆଗମନର ପଥ ପରିଷ୍କାର କରିଦେବ।"

ସେହି ବର୍ଷ ଆମେରିକାରେ 'ସେଲଫ ରିଆଲାଇଜେସନ ଫିଲୋସିପ' ନାମକ ଏକ ସଂସ୍ଥା ଗଠନ କଲେ। ହଜାର ହଜାର ପାଶ୍ଚାତ୍ୟବାସୀଙ୍କୁ ଯୋଗାନନ୍ଦଜୀ କ୍ରିୟାଯୋଗରେ ଦୀକ୍ଷିତ କରାଇଥିଲେ। କ୍ରିୟାଯୋଗର ବୈଜ୍ଞାନିକ ସାଧନା ପ୍ରଣାଳୀ ବ୍ୟାପକ ଭାବରେ ପ୍ରସାରଲାଭ କରିବାଦ୍ୱାରା ତାଙ୍କର ସୁନାମ ଚାରିଆଡ଼େ ବ୍ୟାପିବାକୁ ଲାଗିଲା।

ଶ୍ରୀ ଯୁକ୍ତେଶ୍ୱଜୀଙ୍କ ସୁକ୍ଷ୍ମ ନିର୍ଦ୍ଦେଶ ପାଇ ୧୯୩୫ ମସିହା ଅଗଷ୍ଟ ମାସରେ ଯୋଗାନନ୍ଦଜୀ ଭାରତ ପ୍ରତ୍ୟାବର୍ତ୍ତନ କଲେ। ୧୯୩୫ ମସିହା ଅଗଷ୍ଟ ୨୭ ତାରିଖ ଦିନ ଗାନ୍ଧିଜୀଙ୍କୁ କ୍ରିୟାଯୋଗରେ ଦୀକ୍ଷିତ କରିଥିଲେ। ସେହି ବର୍ଷ ଶ୍ରୀଯୁକ୍ତେଶ୍ୱରଜୀ ଯୋଗାନନ୍ଦଜୀଙ୍କୁ ସନ୍ୟାସୀ ପରମ୍ପରାର ଶ୍ରେଷ୍ଠ ଉପାଧି 'ପରମହଂସ' ପ୍ରଦାନ କଲେ। ସ୍ୱାମୀ ଯୋଗାନନ୍ଦ ଗିରି, ପରମହଂସ ଯୋଗାନନ୍ଦଜୀ ନାମରେ ପରିଚିତ ହେଲେ। ଏହି ସମୟରେ ବ୍ରହ୍ମଚାରୀ ରବିନାରାୟଣ (ପରମହଂସ ହରିହରାନନ୍ଦ)ଙ୍କୁ କଲିକତାରେ ଦ୍ୱିତୀୟ କ୍ରିୟା ଦୀକ୍ଷା ଦେଇଥିଲେ ଏବଂ ୧୯୫୧ ମସିହାରେ କ୍ରିୟାଯୋଗ ଦୀକ୍ଷା ପ୍ରଦାନ ପାଇଁ ତାଙ୍କୁ ଅଧିକୃତ କରିଥିଲେ।

୧୯୩୯ ମସିହାରେ କଲିକତା ସହର ନିକଟବର୍ତ୍ତୀ ଦକ୍ଷିଣେଶ୍ୱରଠାରେ ଗଙ୍ଗାନଦୀ କୂଳରେ ଏକ ବିରାଟ 'ଯୋଗଦା ମଠ' ଉତ୍ସର୍ଗୀକୃତ ହେଲା ଏବଂ ଏହା 'ଯୋଗଦା ସତସଙ୍ଗ ସୋସାଇଟି ଅଫ ଇଣ୍ଡିଆ'ର ମୁଖ୍ୟ କାର୍ଯ୍ୟାଳୟ ଭାବରେ ପରିଗଣିତ ହେଲା। ଭାରତର ବିଭିନ୍ନ ସ୍ଥାନରେ ଥିବା ଆଶ୍ରମ, ବିଦ୍ୟାଳୟ, ଧ୍ୟାନକେନ୍ଦ୍ର ଓ ସେବା ପ୍ରକଳ୍ପମାନ ଏହି ମୁଖ୍ୟ କାର୍ଯ୍ୟାଳୟରୁ ସଞ୍ଚାଳିତ ହେଲା।

ପରମହଂସ ଯୋଗାନନ୍ଦଜୀଙ୍କ ଅନ୍ତିମ ବର୍ଷଗୁଡ଼ିକ ପ୍ରାୟତଃ ଏକାନ୍ତବାସରେ କଟାଇଛନ୍ତି। ୧୯୫୨ ମସିହା ମାର୍ଚ୍ଚ ୭ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର କାଲିଫର୍ନିଆସ୍ଥିତ ଲସ ଏଞ୍ଜେଲେସ ସହରରେ ଭାରତୀୟ ରାଷ୍ଟ୍ରଦୂତ ମାନ୍ୟବର ଶ୍ରୀ ବିନୟ ରଞ୍ଜନ ସେନଙ୍କ ସମ୍ମାନାର୍ଥେ ଆୟୋଜିତ ଏକ ଭୋଜି ସଭାରେ ତାଙ୍କର ଅଭିଭାଷଣ ଶେଷ କଲା ପରେ ପରମହଂସ ଯୋଗାନନ୍ଦଜୀ ମହାସମାଧିରେ ଲୀନ ହୋଇଗଲେ।

**ସ୍ଥାନୀୟ ଆୟୋଜକ : କ୍ରିୟାଯୋଗ ଧ୍ୟାନ କେନ୍ଦ୍ର, କେନ୍ଦ୍ରାପଡ଼ା**

ଯୋଗାଯୋଗ ଠିକଣା :

**ସ୍ୱାମୀ ବିଶ୍ୱରୂପାନନ୍ଦ ଗିରି (୮୮୯୫୬୪୫୮୨୧)**

**ଶ୍ରୀ ଉମାକାନ୍ତ ପରିଡ଼ା (୯୯୩୭୨୬୫୬୦୮)**

ଆବେଦନର ଶେଷ ତାରିଖ : ୨୮.୦୨.୨୦୧୭

ପ୍ରତିଯୋଗୀତା ସ୍ଥାନ :

ପ୍ରତିଯୋଗୀତା ତାରିଖ, ସମୟ:

୧୧.୦୩.୨୦୧୭ (ସକାଳ ୯.୩୦)



KRIYA YOGA

क्षणमिह सज्जन सङ्गतिरेका भवति भवार्णव तरणे नौका



(ଜାନୁଆରୀ ୫, ୧୮୯୩ - ମାର୍ଚ୍ଚ ୭, ୧୯୫୨)

## ପରମହଂସ ଯୋଗାନନ୍ଦଜୀଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ ଉପଲକ୍ଷେ ପ୍ରଜ୍ଞାନ ମିଶନ ତରଫରୁ "ଗୀତା ଆବୃତ୍ତି' ପ୍ରତିଯୋଗୀତା

# ଗୀତା ସୁଗୀତା କର୍ତ୍ତବ୍ୟା

ଶ୍ରୀମଦ୍ ଭଗବତ ଗୀତାର ପଞ୍ଚଦଶ ଅଧ୍ୟାୟ

ପୁରୁଷୋତ୍ତମ ଯୋଗ

**ପ୍ରଜ୍ଞାନ ମିଶନ**

ଜଗତପୁର, କଟକ - ୭୫୪୦୨୧, ଓଡ଼ିଶା

ଦୂରଭାଷ : ୦୬୭୧-୨୪୯୧୭୨୪

www.prajnanamission.org

E-mail: missionprajnana@gmail.com

## ଲକ୍ଷ୍ୟ ଓ ଉଦ୍ଦେଶ୍ୟ

ଛାତ୍ରଛାତ୍ରୀ ତଥା ଯୁବକ ଯୁବତୀ ମାନଙ୍କୁ ଗୀତା ଆବୃତ୍ତି କରିବା ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ଗୀତାର ବାଣୀକୁ ଜୀବନରେ ପାଳନ କରିବା ପାଇଁ ପ୍ରେରଣା ପ୍ରଦାନ କରିବା ।

## ବିଭାଗ ଓ ଶ୍ଳୋକ

| ବିଭାଗ | ଶ୍ରେଣୀ | ଶ୍ଳୋକ |
|---|---|---|
| 'କ' (A) | ୧ମ, ୨ୟ ଓ ୩ୟ | ୧-୫ |
| 'ଖ' (B) | ୪ର୍ଥ,୫ମ, ୬ଷ୍ଠ ଓ ୭ମ | ୧-୧୦ |
| 'ଗ' (C) | ୮ମ, ୯ମ ଓ ୧୦ମ | ୧-୧୫ |
| 'ଘ' (D) | ଯୁକ୍ତ ୨ | ୧-୨୦ |
| 'ଙ' (E) | ସ୍ନାତକ ଓ ସ୍ନାତୋକତ୍ତର | ୧-୨୦ |

ସମସ୍ତ ପ୍ରତିଯୋଗୀ ଶ୍ଳୋକ ଗୁଡିକ ମୁଖସ୍ଥକରି ଆବୃତ୍ତି କରିବେ । ପ୍ରତ୍ୟେକ ପ୍ରତିଯୋଗୀମାନଙ୍କୁ ସେମାନଙ୍କପାଇଁ ନିର୍ଦ୍ଧାରିତ ଶ୍ଳୋକଗୁଡିକୁ ନିରବଚ୍ଛିନ୍ନ ଭାବରେ ଆବୃତ୍ତି କରିବାକୁ ପଡିବ କିମ୍ବା ବିଚାରାକ ମଣ୍ଡଳୀଙ୍କ ନିର୍ଦ୍ଦେଶ ଅନୁସାରେ ଆବୃତ୍ତି କରିବାକୁ ପଡିବ ।

## ମୂଲ୍ୟାଙ୍କନର ସର୍ତ୍ତାବଳୀ

**ସ୍ମୃତି**-ପାଠ କରିବା ସମୟରେ କୋଣସି ସ୍ଥାନରେ ଅଟକି ନ ଯାଇ ନିର୍ଦ୍ଦ୍ୱନ୍ଦରେ ନିର୍ଦ୍ଦିଷ୍ଟ ଅଂଶଟି କୁ ଠିକ୍ ଭାବରେ ପାଠ କରିବେ । ୪୦ ନମ୍ବର

**ଉଚ୍ଚାରଣ**- ଶ୍ଳୋକ ଗୁଡିକୁ ଠିକ୍ ଭାବରେ ଉଚ୍ଚାରଣ କରିବାର ଦକ୍ଷତା ୩୦ ନମ୍ବର

**ଉପସ୍ଥାପନା** - ଅଙ୍ଗଭଙ୍ଗୀ, ଭକ୍ତିଭାବ, ଆତ୍ମ ବିଶ୍ୱାସ ଇତ୍ୟାଦି ୧୦ ନମ୍ବର

**ସାମଗ୍ରିକ ପ୍ରଭାବ** - ଏହା ଶ୍ରୋତାମାନଙ୍କ ଉପରେ କିପରି ପ୍ରଭାବ ପକାଉଛି । ୧୦ ନମ୍ବର

**ସ୍ୱର** - ଆବୃତ୍ତି ଶିକ୍ଷା ପାଇଁ ଦିଆଯାଇଥିବା ଓଡିଆ ଫାଇଲ୍ ସହିତ ସଠିକ୍ ଭାବରେ ସ୍ୱର ନ ମିଳିପାରେ । ଏଥିରେ କୌଣସି ଅସୁବିଧା ନାହିଁ। ୧୦ନମ୍ବର

## ଆବୃତ୍ତି ଶିକ୍ଷା

ଗୀତା ଆବୃତ୍ତି ଶିକ୍ଷା କରିବା ପାଇଁ ସ୍ୱର କୁ ଆମର ୱେବସାଇଟ www.prajnanamission.org ରୁ ଡାଉନଲୋଡ କରିପାରିବେ ।

## ପୁରସ୍କାର ଓ ପ୍ରମାଣ ପତ୍ର

ବିଜେତା ମାନଙ୍କୁ ପୁରସ୍କାର ଓ 'ମେଧା ପ୍ରମାଣ ପତ୍ର' ପ୍ରଦାନ କରାଯିବ ଏବଂ ଭାଗନେଇଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ 'ପ୍ରମାଣ ପତ୍ର' ପ୍ରଦାନ କରାଯିବ ।

### ପ୍ରେମ ଓ ମୁକ୍ତିର ବାର୍ତ୍ତାବହ

# ପରମହଂସ ଯୋଗାନନ୍ଦ

ଆମେରିକାର ଚିକାଗୋ ସହରରେ ଯେଉଁ ବର୍ଷ ସ୍ୱାମୀ ବିବେକାନନ୍ଦ ପ୍ରଥମ ବିଶ୍ୱ ଧର୍ମ ମହାସଭାରେ ଯୋଗଦାନକରି ଭାରତୀୟ ଧର୍ମ ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇଥିଲେ, ସେହି ବର୍ଷ ପୁଣ୍ୟ ଭାରତଭୂମିରେ ଅନ୍ୟ ଜଣେ ବିଶ୍ୱଗୁରୁ ପରମହଂସ ଯୋଗାନନ୍ଦ ଜନ୍ମଗ୍ରହଣକରି ପାଶ୍ଚାତ୍ୟରେ ହଜାର ହଜାର ଲୋକଙ୍କୁ ଈଶ୍ୱର ଉପଲବ୍ଧି ପାଇଁ କ୍ରିୟାଯୋଗର ସହଜ, ସରଳ ଓ ନିଶ୍ଚିତ ବୈଜ୍ଞାନିକ କୌଶଳ ସହିତ ପରିଚିତ କରାଇଥିଲେ । ଯୋଗୀମାନଙ୍କର ଇନ୍ଦ୍ରିୟଗ୍ରାହ୍ୟ ବିଶ୍ୱପ୍ରପଞ୍ଚର ଅତୀତ ଅନୁଭୂତିର ନିଖୁଣ ଉପସ୍ଥାପନା ସହ କ୍ରିୟାଯୋଗ ସାଧନା ପାଇଁ ଲୋକମାନଙ୍କ ମଧ୍ୟରେ ବିପୁଳ ଆଗ୍ରହ ସୃଷ୍ଟି କରିପାରିଥିବା ତାଙ୍କର ରଚିତ ପୁସ୍ତକ 'ଯୋଗୀର ଆତ୍ମଚରିତ' ପୃଥିବୀର ୩୪ ଭାଷାରେ ପ୍ରକାଶିତ ହୋଇ ଅଦ୍ୟାବଧି ଏକ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କ ପାଖରେ ଏହା ପହଞ୍ଚି ପାରିଛି ।

ହିମାଳୟ ପାଦଦେଶରେ ଥିବା ଗୋରଖପୁରଠାରେ ୧୮୯୩ ମସିହା ଜାନୁଆରୀ ୫ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ । ପରମହଂସ ଯୋଗାନନ୍ଦଜୀ ଓରଫ ମୁକୁନ୍ଦଲାଲ ଘୋଷଙ୍କୁ ବାଲ୍ୟ ଅବସ୍ଥାରେ ତାଙ୍କ ପିତାମାତାଙ୍କ ଗୁରୁ ଶ୍ରୀ ଲାହିଡ଼ି ମହାଶୟ ଭବିଷ୍ୟତ ବାଣୀ ଶୁଣାଇ କହିଥିଲେ, "ଶିଶୁଟି ବଡ଼ ହୋଇ ଗୋଟିଏ ଆଧ୍ୟାତ୍ମିକ ଇଞ୍ଜିନ ସଦୃଶ ଅନେକ ଆତ୍ମାଙ୍କୁ ଈଶ୍ୱରଙ୍କ ରାଜ୍ୟକୁ ନେଇଯିବ । ସତର ବର୍ଷ ବୟସରେ ସେ ନିଜ ଗୁରୁ ଶ୍ରୀ ଯୁକ୍ତେଶ୍ୱରଙ୍କୁ ପାଇ କଠୋର ଅନୁଶାସନ ମଧ୍ୟରେ ରହି ଧ୍ୟାନ ସାଧନାରେ ନିଜକୁ ବ୍ରତୀ କରାଇଥିଲେ ।

୧୯୧୫ ମସିହାରେ ମୁକୁନ୍ଦ ସ୍ନାତକ ଡିଗ୍ରୀ ହାସଲ କରିବାପରେ ଶ୍ରୀ ଯୁକ୍ତେଶ୍ୱରଜୀ ତାଙ୍କୁ ସନ୍ନ୍ୟାସ ଦୀକ୍ଷା ପ୍ରଦାନ କରି 'ସ୍ୱାମୀ ଯୋଗାନନ୍ଦ ଗିରି' ନାମରେ ଅଭିହିତ କଲେ ।

୧୯୨୦ ମସିହାରେ ଧ୍ୟାନମଗ୍ନ ଅବସ୍ଥାରେ ଆମେରିକା ଯିବାର ପ୍ରେରଣା ପାଇଲେ । ତହିଁ ପରଦିନ ଆମେରିକାର ବୋଷ୍ଟନ ସହରରେ ରିଲିଜିଅସ ଲିବେରାଲସଙ୍କ ଦ୍ୱାରା ଆୟୋଜିତ ଏକ ଆନ୍ତର୍ଜାତିକ ଧର୍ମ ମହାସଭାରେ ଭାରତୀୟ ପ୍ରତିନିଧିଭାବରେ ଯୋଗଦେବାପାଇଁ ଗୋଟିଏ ନିମନ୍ତ୍ରଣ ପାଇଲେ ।

୧୯୨୦ ମସିହା ଅଗଷ୍ଟ ମାସରେ ଗୁରୁଙ୍କର ଅନୁମତି ଓ ଆଶୀର୍ବାଦ ନେଇଁ ଏକ ଯାତ୍ରୀବାହୀ ଜାହାଜରେ ଆମେରିକାର ବୋଷ୍ଟନ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ଅକ୍ଟୋବର ୬ ତାରିଖ ଦିନ ବୋଷ୍ଟନ ଆନ୍ତର୍ଜାତିକ କଂଗ୍ରେସରେ ନିଜର ପ୍ରଥମ ବକ୍ତୃତା ପ୍ରଦାନ କଲେ । କ୍ରିୟାଯୋଗର ସାର୍ବଜନୀନ କୌଶଳକୁ ଜନମାନସରେ ପହଞ୍ଚାଇବା ପାଇଁ

THAT IS THE PATH WHICH IS DIRECTED BY THE REALIZED

ध्यानमिह सज्जन संगतिरेका भवति भवार्णव तरणे नौका

Prajnana Mission Organises

## GEETA CHANTING COMPETITION

**Geeta Sugeeta Kartavya**

### REGISTRATION FORM

1. Name (Capital Letter) :
   ନାମ
2. Name & Address of School/College/University :
   ବିଦ୍ୟାଳୟର ଠିକଣା
3. Class :
   ଶ୍ରେଣୀ
4. Group (A/B/C/D/E) :
   ବିଭାଗ (କ/ଖ/ଗ/ଘ)
5. Date of Birth :
   ଜନ୍ମ ତାରିଖ
6. Address for Correspondence :
   ଯୋଗାଯୋଗ ଠିକଣା
7. Mobile No. :
   ମୋବାଇଲ ନମ୍ବର

Signature of the Hade of the Institution with Seal

Date :

Signature of Applicant

ଆବେଦନକାରୀଙ୍କ ଦସ୍ତଖତ